**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**4 November - 2025**

# ଏସ୍‌ଆଇଆର୍

ଦେଶର ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଏସ୍‌ଆଇଆର୍ ଦ୍ୱିତୀୟ ପର୍ଯ୍ୟାୟ ଆଜିଠାରୁ ଆରମ୍ଭ ହେଉଛି । ମୋଟ୍ ୫୧କୋଟି ଭୋଟର ଏହି ପର୍ଯ୍ୟାୟରେ ସାମିଲ ହେବେ । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଫେବୃୟାରୀ ୭ ତାରିଖରେ ଚୂଡାନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ ପାଇବ ।

# ରାଜ୍ୟପାଳ-ନିଶାମୁକ୍ତ ଭାରତ ଅଭିଯାନ

ନିଶାଦ୍ରବ୍ୟକୁ ପ୍ରତ୍ୟାଖାନ କରିବା ବ୍ୟକ୍ତିଗତ କଲ୍ୟାଣ ସହିତ ଦେଶପ୍ରତି କର୍ତ୍ତବ୍ୟବୋଧକୁ ପ୍ରତିଫଳନ କରିଥାଏ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି । ରାଜଭବନର ନିଉ ଅଭିଷେକ ହଲରେ ନିଶାମୁକ୍ତ ଭାରତ ଅଭିଯାନ ଆଧାରିତ ଗତକାଲି ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର କମ୍ଭମପାଟି କହିଛନ୍ତି ଦେଶର ଶକ୍ତି, ସୁସ୍ଥ ଶୃଙ୍ଖଳିତ ନାଗରିକଙ୍କ ଠାରେ ନିହିତ ରହିଥାଏ । ନିଶାମୁକ୍ତ ଭାରତ ଅଭିଯାନକୁ ତ୍ୱରାନ୍ୱିତ କରିବା

ଲକ୍ଷ୍ୟନେଇ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ ଉପରେ ରାଜ୍ୟପାଳ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଡିଜିଟାଲ ଜୀବନ ପ୍ରମାଣପତ୍ର

ଦେଶରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଅଭିଯାନର ଚତୁର୍ଥ ପର୍ଯ୍ୟାୟ ଜାରି ରହିଛି । ଗତ ପହିଲାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଚଳିତମାସ ଶେଷ ପର୍ଯ୍ୟନ୍ତ ଜାରି ରହିବ । ୨ହଜାରରୁ ଅଧିକ ସହରକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ପେନ୍‌ସନଭୋଗୀଙ୍କ ପାଇଁ ଏକାଧିକ ଡିଜିଟାଲ ମୋଡ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିବା ପ୍ରକ୍ରିୟାକୁ ଅଧିକ ସରଳ କରାଯାଇଛି ।

## ସାଇବର ସୁରକ୍ଷା

ସାଇବର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ୧୬ଟି ସାଇବର ରଥ ନିୟମିତ ଭାବେ ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି । ବିଭିନ୍ନ ସ୍ଥାନରେ ର୍‍ୟାଲି, କର୍ମଶାଳା, ଆଲୋଚନା ବୈଠକ ଏବଂ ସାଧାରଣ ସଭା ମାଧ୍ୟମରେ ସାଇବର ଠକେଇ ସୁରକ୍ଷିତ ରହିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଉଛି ବୋଲି ପୁଲିସ ମୁଖ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି ।

## ବାଲିଯାତ୍ରା-ସମୀକ୍ଷା

ଐତିହାସିକ ବାଲିଯାତ୍ରା କଟକ ୨୦୨୫ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଉଦ୍‌ଘାଟନ ପୂର୍ବରୁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଶ୍ରୀ ସିଂହ କହିଛନ୍ତି ଶୃଙ୍ଖଳିତ ଭାବେ ବାଲିଯାତ୍ରାର ସମାପନ ଉପରେ ଗୁରୁତ୍ୱ ଦିଆଯାଉଛି । ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟମକୁ କଡାକଡି କରାଯିବା ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଛି ବୋଲି ପୁଲିସ କମିଶନର କହିଛନ୍ତି ।

## ବୋଇତବନ୍ଦାଣ କାର୍ଯ୍ୟକ୍ରମ

କାର୍ତ୍ତିକ ପୂର୍ଣ୍ଣମୀ ପାଳନ ଅବସରରେ ଆସନ୍ତାକାଲି ସକାଳୁ ମହାନଦୀ କୂଳରେ ଆଳତୀ, କୀର୍ତ୍ତନ ସହ ବୋଇତବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଶାଳପତ୍ରରେ ନିର୍ମିତ ଡଙ୍ଗା ଭସାଇବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଓର୍‌ମାସର ବିଭିନ୍ନ ସ୍ୱେଚ୍ଛାସେବୀ ତଥା ଉତ୍ପାଦକ ଗୋଷ୍ଠୀଙ୍କ ଦ୍ୱାରା ଶାଳପତ୍ରରେ ୨୦ହଜାରରୁ ଉର୍ଦ୍ଧ୍ୱ ଡଙ୍ଗା ତିଆରି କରାଯାଇଛି ।

## ଶ୍ରୀଜୀଉଙ୍କ ଡାଳିକିଆ ବେଶ

ପୁରୀ ଶ୍ରୀମନ୍ଦିରରେ ପଞ୍ଚକ ବ୍ରତ ପାଳନର ତୃତୀୟ ଦିବସରେ ଆଜି ଶ୍ରୀଜୀଉଙ୍କର ଲକ୍ଷ୍ମୀ-ନୃସିଂହ ବା ଡାଳିକିଆ ବେଶ ଅନୁଷ୍ଠିତ ହେବ ।

ଚଳିତବର୍ଷ ଦ୍ୱାଦଶୀ ତିଥି କ୍ଷୟ ହୋଇଥିବା ହେତୁ ଠାକୁରଙ୍କର ବାଙ୍କଚୂଡା ବେଶ ଅନୁଷ୍ଠିତ ହେବନାହିଁ । ଗତକାଲି ମଧ୍ୟରାତ୍ରରେ ବଡସିଂହାର ବେଶ ପରେ ଗରୁଡ ଉତ୍ଥାନ ନୀତି ଅନୁଷ୍ଠିତ ହୋଇଛି । ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି କହିଛନ୍ତି...

**V/O**

## ଧବଳେଶ୍ୱର

କଟକ ଆଠଗଡସ୍ଥିତ ବାବା ଧବଳେଶ୍ୱର ପୀଠରେ ଆଜି ବିଳମ୍ବିତ ରାତିରେ ଗଜଭୋଗ ଓ ତରଣ ଲାଗି ହୋଇଥିଲା । ବାବା ଧବଳେଶ୍ୱର ଶ୍ରଦ୍ଧାଳୁଙ୍କୁ ଆଜି ହରିହର ବେଶରେ ଦର୍ଶନ ଦେଉଛନ୍ତି ।

## ବଳଦେବଜୀଉଙ୍କ ବେଶ

କାର୍ତ୍ତିକ ମାସର ପଞ୍ଚୁକ ତ୍ରୟୋଦଶୀ ତିଥିରେ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କର ଗତକାଲି ଦ୍ୱିବିନ୍ଦ ବାନର ସଂହାର ବେଶ ଅନୁଷ୍ଠିତ ହୋଇଯାଇଛି । ରତ୍ନ ସିଂହାସନ ଉପରେ ଠାକୁରଙ୍କର ଏହିବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଦ୍ୱାପର ଯୁଗରେ ଦ୍ୱିବିନ୍ଦ ନାମକ ଏକ ବାନରର ଅତ୍ୟାଚାରରୁ

ସାଧୁଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଭୁ ଶ୍ରୀ ବଳରାମ ମୁଷଳରେ ତାଙ୍କୁ ବଧ କରିଥିଲେ ବୋଲି କଥିତ ଅଛି ।

## ସୁରଭି ମହୋତ୍ସବ

ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ବ୍ଲକର ସମସ୍ତ ୮ଟି କ୍ଲଷ୍ଟରରୁ ୨୧୦ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ବିଭିନ୍ନ ବର୍ଗରେ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା ।

## ଆଇନ୍ ସଚେତନତା ଶିବିର

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଅଧୀନସ୍ଥ କଟରଛାପର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲୁକସ୍ତରୀୟ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ବିଚାରବିଭାଗୀୟ ଅଧିକାରୀ ଏବଂ ଆଇନଜୀବୀ ଯୋଗଦେଇ ସାଇବର ସୁରକ୍ଷା, ପୋକ୍ସୋ ଆଇନ୍, ଶିଶୁ ଯୌନ ନିର୍ଯ୍ୟାତନା ନିରୋଧ ଆଇନ୍ ଆଦି ସମ୍ପର୍କରେ ଆଲୋଚନା କରିଛନ୍ତି ।

# ରଣଜୀ ମ୍ୟାଚ୍

ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ଏ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ବିପକ୍ଷରେ ଫଲୋଅନ୍ ହୋଇ ଓଡ଼ିଶାର ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଜାରି ରହିଛି । କଟକ ବାରବାଟୀ ଷ୍ଟାଡିୟମଠାରେ ଚାଲିଥିବା ଏହି ମ୍ୟାଚ୍‌ର ଗତକାଲି ତୃତୀୟ ଦିନ ଶେଷ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ୨ ଓ୍ୱିକେଟ୍ ବିନିମୟରେ ୧୯୦ରନ୍ ସଂଗ୍ରହ କରିଥିଲା । ୮ ଓ୍ୱିକେଟ୍ ବାକିଥାଇ ଓଡ଼ିଶା ଏବେମଧ୍ୟ ୧୩୪ ରନ୍ ପଛରେ ରହିଛି । ଆନ୍ଧ୍ରପ୍ରଦେଶ ତା’ର ପ୍ରଥମ ଇନିଂସ୍‌ରେ ୭ ଓ୍ୱିକେଟ୍‌ରେ ୪୭୫ରନ୍ ସଂଗ୍ରହ କରି ଇନିଂସ୍ ସମାପ୍ତି ଘୋଷଣା କରିଥିଲା । ଓଡ଼ିଶା ତା’ର ପ୍ରଥମ ଇନିଂସ୍‌ରେ ମାତ୍ର ୧୫୧ରନ୍ ସଂଗ୍ରହ କରି ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲା ।